# ଆଇଆଇପିଏମ୍‌ରେ କ୍ୟାମ୍ପସ ସାକ୍ଷାତକାର

ରାଉରକେଲା, ତା୩।୨ (ସ.ପ୍ର.)–କାଂଶବାହାଲ ସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପ୍ରଡକ୍ସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍)ରେ ଗତ ୩୧ ତାରିଖ ଦିନ ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ଏକ କ୍ୟାମ୍ପସ ସାକ୍ଷାତକାର ଅନୁଷ୍ଠିତ ହୋଇଯାଇଛି। ସେହିପରି ଗତ ୩୦ ତାରିଖ ଦିନ ଉଷା ମାର୍ଟିନ ଲିମିଟେଡ ପକ୍ଷରୁ ସ୍ଥାନୀୟ ଏନ୍‌ଆଇଟିରେ ଆଇଆଇପିଏମ୍ ଛାତ୍ରଛାତ୍ରୀଙ୍କ ପାଇଁ ଏକ କ୍ୟାମ୍ପସ ସାକ୍ଷାତକାରର ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ କାଂଶବାହାଲ ସ୍ଥିତ ଏଲ୍ ଏଣ୍ଡ ଟି, ରାଜଗାଙ୍ଗପୁରର ଓସିଏଲ୍, ତେଗା ଇଣ୍ଡଷ୍ଟ୍ରିଜ ଓ ରାୟଗଡ଼ାର ଜେ.କେ. ପେପର୍ସ ପକ୍ଷରୁ ଆଇଆଇପିଏମ୍‌ରେ କ୍ୟାମ୍ପସ ସାକ୍ଷାତକାରର ଆୟୋଜନ କରାଯାଇଥିଲା ବୋଲି ଶିକ୍ଷାନୁଷ୍ଠାନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

The Samaj